# NATIONAL NEWS BULLETIN (ODIA)
## 17 March - 2026
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାର' ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ  କୃଷି ଏବଂ କୃଷକ କଲ୍ୟାଣ ବିଭାଗ ପାଇଁ ବଜେଟ୍ ପରିମାଣ ୧ଲକ୍ଷ ୨୭ହଜାର ୨୯୦କୋଟି ଟଙ୍କାକୁ ବୃଦ୍ଧି  ।
- ନୂଆଦିଲ୍ଲୀରେ ଆସନ୍ତାକାଲି ଠାରୁ  ଆରମ୍ଭ ହେବ ଭାରତ ଜାନଜାତି ମହୋତ୍ସବ-୨୦୨୬।
- ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପଶ୍ଚିମବଙ୍ଗର ୧୯ଜଣ ପୁଲିସ ଅଧିକାରୀଙ୍କର ବଦଳି  ନିର୍ଦ୍ଦେଶ ।

- ତୃଣମୂଳ କଂଗ୍ରେସ ପକ୍ଷରୁ ଆସନ୍ତା ନିର୍ବାଚନ ପାଇଁ ୨୯୧ପ୍ରାର୍ଥୀଙ୍କ ନାମ ଘୋଷଣା ।

ଏବଂ

- ଫ୍ରାନ୍ସରେ ଆଜିଠାରୁ ଆରମ୍ଭ ହେଲା ଓର୍ଲିଆନ୍ସ ମାଷ୍ଟର୍ସ୍ ସୁପର୍ **300** ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ।

# ଏଲ୍‌ଏସ୍-ଏଗ୍ରୀକଲଚର

କେନ୍ଦ୍ର ସରକାର’ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ  କୃଷି ଏବଂ କୃଷକ କଲ୍ୟାଣ ବିଭାଗ ପାଇଁ ବଜେଟ୍ ଆବଣ୍ଟନ ପରିମାଣ ବୃଦ୍ଧି କରିଛନ୍ତି । ୨୦୧୩-୧୪ମସିହାରେ ଏହି ବିଭାଗକୁ ୨୧ହଜାର ୯୩୩କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ୨୦୨୫-୨୬ରେ ଏହି ପରିମାଣ ୧ଲକ୍ଷ ୨୭ହଜାର ୨୯୦କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀ ଏହା କହିଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାର କୃଷକମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି । କୃଷକ ସାମଗ୍ରୀ ଉତ୍ପାଦନ ବୃଦ୍ଧି, କୃଷକମାନଙ୍କୁ ରୋଜଗାର ସହାୟତା ରାଶି ଯୋଗାଇ ଦେବା ଉପରେ ସରକାର  ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ୯ଲକ୍ଷ ହେକ୍ଟର ପରିମିତ ଚାଷ ଜମିରେ  ୧୮ହଜାର ୮୨୫ଟି କ୍ଲଷ୍ଟର ଗଠନ କରାଯାଇଛି ଏବଂ ଏପର୍ଯ୍ୟନ୍ତ ୧୯ଲକ୍ଷ କୃଷକ ସେମାନଙ୍କର ନାମ ପଞ୍ଜୀକରଣ କରିସାରିଛନ୍ତି  । କୃଷକମାନଙ୍କୁ  ପାଇକାରୀ ମୂଲ୍ୟରେ ୟୁରିଆ ସାର ଯୋଗାଇ ଦିଆଯାଇଛି। ଦେଶର ଗ୍ରାମୀଣ ଜିଲ୍ଲାଗୁଡିକରେ

ଭାରତୀୟ କୃଷି ଗବେଷଣା ପରିଷଦ ପକ୍ଷରୁ ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପନ କରାଯାଇଥିବା ମନ୍ତ୍ରୀ ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି ।

## ଆରଏସ୍ ଆପ୍ରୋପିଏସନ ବିଲ୍

ରାଜ୍ୟ ସଭାରେ ବ୍ୟୟବରାଦ ବିଲ୍ ଉପରେ ବିଚାର  ପାଇଁ ନିଆଯାଇଛି । ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସାଂସଦ ରାଜୀବ ଶୁକ୍ଳା କହିଛନ୍ତି, ସରକାର କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମ ଏବଂ ଗବେଷଣା ଓ ଉନ୍ନୟନ ପାଇଁ ପାଣ୍ଠି ବ୍ୟୟ କରିବା ଉଚିତ । ସରକାର ମଧ୍ୟ ଆଣ୍ଟି ଡ୍ରୋନ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ପ୍ରଦାନ କରିବା ବିଧେୟ ବୋଲି ଶ୍ରୀ ଶୁକ୍ଳା କହିଛନ୍ତି। ବିଜେପି ସାଂସଦ ହର୍ଷବର୍ଦ୍ଧନ ସିଂଘଲା କହିଛନ୍ତି, ୨୦୨୪-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ ୭ଦଶମିକ ୬ପ୍ରତିଶତ ହାରରେ ବୃଦ୍ଧି ପାଇଛି । ଯାହାକି ବିଶ୍ୱରେ ବୃହତ ଅର୍ଥନୀତି ଦିଗରେ ଦ୍ରୁତତମ ପ୍ରଗତି  ବୋଲି ସେ କହିଛନ୍ତି । ଆଲୋଚନାରେ ଅଂଶଗ୍ରହଣ କରି ଶିବସେନା ୟୁବିଟିର ସଞ୍ଜୟ ରାଓ୍ୱତ ଏବଂ ଟିଏମ୍‌ସିର ସାକେତ ଗୋଖଲେ ଅଂଶଗ୍ରହଣ କରିଥିଲେ ।

## ଭାରତ-ଟ୍ରାଇବ ଫେଷ୍ଟ

ଭାରତ ଜାନଜାତି ମହୋତ୍ସବ-୨୦୨୬ ଆସନ୍ତାକାଲି ଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଏହା ଜନଜାତି ସମ୍ପ୍ରଦାୟର ସାଂସ୍କୃତିକ ଐତିହ୍ୟ ଏବଂ ଉଦ୍ୟୋଗିତା କାର୍ଯ୍ୟକଳାପ ପ୍ରଦର୍ଶିତ କରିବ । ଏହି ମହୋତ୍ସବକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିବେ । ଭାରତ ଜନଜାତି ସମବାୟ ବିପଣନ, ଉନ୍ନୟନ ସଂଘ ଆୟୋଜିତ ଏହି ମହୋତ୍ସବ ଆସନ୍ତାକାଲିଠାରୁ ଚଳିତମାସ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯିବ । ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଜନଜାତି କାରିଗର ଅଂଶଗ୍ରହଣ କରିବେ ।

## ଆର.ଏସ.-ରୁରାଲ ଡେଭଲମେଣ୍ଟ ଡିସକସନ

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ' ମହାତ୍ମାଗାନ୍ଧୀ ନରେଗାକୁ ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)-**VB G RAM G.)** ପୁନଃ ନାମକରଣକୁ ସମର୍ଥନ ଜଣାଇଛନ୍ତି । ରାଜ୍ୟ ସଭାରେ ଆଜି ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର କାର୍ଯ୍ୟ ସମ୍ପର୍କୀତ ଆଲୋଚନାର ଉତ୍ତରରେ ଶ୍ରୀ ଚୌହ୍ୱାନ କହିଛନ୍ତି, ୟୁପିଏ ଶାସନ ତୁଳନାରେ ଏନ.ଡିଏ ଶାସିତ ସରକାର ଏହି ଯୋଜନାକୁ ଉତ୍ତମରୂପେ

କାର୍ଯ୍ୟକାରୀ କରୁଛନ୍ତି । ସେ କହିଛନ୍ତି, ୟୁପିଏ ସରକାର ୨୦୦୬-୦୭ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଏମ.ଜି ନରେଗା ଯୋଜନା ପାଇଁ ୨ଲକ୍ଷ ୧୨ହଜାର ୪୦୯କୋଟି ଟଙ୍କା ବ୍ୟୟ କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ.ଡି.ଏ ସରକାରଙ୍କ ଅମଳରେ ଏହି ଯୋଜନା ପାଇଁ ୮ଲକ୍ଷ ୫୮ହଜାର ୩୪୬କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଗ୍ରାମୀଣ ରୋଜଗାର ଆଇନ ପୁନଃ ନାମକରଣ ନେଇ ବିରୋଧୀ ଦଳ ରାଜନୈତିକ ଖେଳ ଖେଳୁଛନ୍ତି ବୋଲି ଶ୍ରୀ ଚୌହ୍ୱାନ ସମାଲୋଚନା କରିଛନ୍ତି ।

**V/O (Shivraj Singh Chouhan)**

## ଏଲ୍ଏସ-ସେଲଫ-ହେଲଫ ଗ୍ରୁପ

ସରକାରଙ୍କ ପକ୍ଷରୁ ଦିନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଏପର୍ଯ୍ୟନ୍ତ ୧୨ଲକ୍ଷ ୩୦ହଜାର କୋଟିରୁ ଊର୍ଦ୍ଧ୍ୱ ଅର୍ଥରାଶି ବ୍ୟାଙ୍କ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ପ୍ରଦାନ କରାଯାଇଛି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ପେମାସାନୀ କହିଛନ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଋଣ ପ୍ରଦାନ ସହଜ କରିବା ନିମନ୍ତେ

ସରକାର ବିଭିନ୍ନ ସୁଧ ରିହାତି ଯୋଜନା ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ବ୍ୟାଙ୍କଗୁଡିକ ମହିଳାମାନଙ୍କୁ ରିହାତି ସୁଧହାରରେ ଋଣ ଯୋଗାଇ ଦେଉଛନ୍ତି ।

## ଇଲେକସନ କମିଶନ

ନିର୍ବାଚନ ଆୟୋଗ ପକ୍ଷରୁ ପଶ୍ଚିମବଙ୍ଗର ୧୯ଜଣ ପୁଲିସ ଅଧିକାରୀଙ୍କ ତୁରନ୍ତ ବଦଳି କରିବା ଲାଗି  ନିର୍ଦ୍ଦେଶ ଦିଆଯାଇଛି । ୨୦୧୨ମସିହା ବ୍ୟାଚର ଆଇପିଏସ୍ ଅଧିକାରୀ  ପୁଷ୍ପାଙ୍କୁ ବାରାସାତ୍‌ର ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ୨୦୧୩ ବ୍ୟାଚର ଆଇପିଏସ୍ ଅଧିକାରୀ ଇସାନୀ ପଲଙ୍କୁ ଡାଇମଣ୍ଡ ହାରବରର ଆରକ୍ଷୀ ଅଧୀକ୍ଷକ  ୨୦୧୩ବ୍ୟାଚ ଆଇପିଏସ୍ ଅଧିକାରୀ ସଚିନଙ୍କୁ ମୁର୍ଶିଦାବାଦର ଆରକ୍ଷୀ ଅଧିକ୍ଷକଭାବେ ନିଯୁକ୍ତି ଦିଆଯାଇଛି । ଗତକାଲି  ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ଚାରିଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରାଯାଇଥିଲା ।

ସେହିପରି କେରଳରେ ୫ଜଣ ବରିଷ୍ଠ ଅଧିକାରୀଙ୍କୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବଦଳି କରାଯାଇ ସେହି ସ୍ଥାନରେ ନୂତନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି ।

## ଡବ୍ଲୁବି-ଟିଏମସି-ଲିଷ୍ଟ

ତୃଣମୂଳ କଂଗ୍ରେସ ପକ୍ଷରୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ-୨୦୨୬ ପାଇଁ ୨୯୪ ନିର୍ବାଚନ ମଣ୍ଡଳୀ ନିମନ୍ତେ ୨୯୧ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଅନ୍ୟ ତିନୋଟି ଆସନ ପାଇଁ ତା'ର ସହଯୋଗୀ ଦଳ ଭାରତୀୟ ଗୋର୍ଖା ପ୍ରଜାତାନ୍ତ୍ରିକ ଦଳକୁ ଛାଡି ଦେଇଛି । ଦଳର ମୁଖ୍ୟ ମମତା ବାନାର୍ଜୀ ପୁଣି ଥରେ ଭବାନୀପୁର ଆସନରୁ ନିର୍ବାଚନ ଲଢିବେ । ୨୯୧ଜଣ ଟିଏମ୍‌ସି ପ୍ରାର୍ଥୀଙ୍କ ମଧ୍ୟରେ ୫୨ଜଣ ମହିଳା, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୯୫ଜଣ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ୪୭ଜଣ ଥିବା ଜଣାପଡିଛି ।

## ଭାରତ-ଟ୍ରାଇବ ଫେଷ୍ଟ

ଭାରତ ଜନଜାତି ମହୋତ୍ସବ-୨୦୨୬ ଆସନ୍ତାକାଲି ଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଏହା ଜନଜାତି ସମ୍ପ୍ରଦାୟର ସାଂସ୍କୃତିକ ଐତିହ୍ୟ ଏବଂ ଉଦ୍ୟୋମିତା କାର୍ଯ୍ୟକଳାପ ପ୍ରଦର୍ଶିତ କରିବ । ଏହି ମହୋତ୍ସବକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିବେ । ଭାରତ

ଜନଜାତି ସମବାୟ ବିପଣନ, ଉନ୍ନୟନ ସଂଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବ ଆସନ୍ତାକାଲିଠାରୁ ଚଳିତମାସ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯିବ । ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ଜନଜାତି କାରିଗର ଅଂଶଗ୍ରହଣ କରିବେ ।

## ଇଣ୍ଟର ମିନିଷ୍ଟ୍ରେରିଆଲ ବ୍ରିଫିଂ

ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି, ଉପସାଗରୀୟ ଅଞ୍ଚଳରେ ଜାହାଜ ସମେତ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି । ନୂଆଦିଲ୍ଲୀଠାରେ ପଶ୍ଚିମ ଏସୀୟାରେ ସାମ୍ପ୍ରତିକ ବିକାଶ ପରିସ୍ଥିତି ନେଇ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିହ୍ନା ଏହା କହିଛନ୍ତି । ସେ କହିଛନ୍ତି, ଗତ ୨୪ଘଣ୍ଟା ମଧ୍ୟରେ ୧୬୧ଜଣ ଭାରତୀୟ ନାବିକଙ୍କୁ ଉପସାଗରୀୟ ଅଞ୍ଚଳରୁ ସ୍ୱଦେଶକୁ ଫେରାଇ ଅଣାଯାଇପାରିଛି । ଦ୍ୱିତୀୟ ଏଲ.ପି.ଜି ଜାହାଜ ନନ୍ଦାଦେବୀ ଆଜି ସକାଳେ କାଣ୍ଡାଲା ବନ୍ଦର ନିକଟରେ ପହଞ୍ଚିଥିବା ସେ ସୂଚନା ଦେଇଛନ୍ତି । ଏଥିରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ସମଗ୍ର ଦେଶରେ ପେଟ୍ରୋଲ ଏବଂ ଡିଜେଲ ପର୍ଯ୍ୟାପ୍ତ ପରିମାଣର ମହଜୁଦ

ରହିଛି । ସେ କହିଛନ୍ତି, ବ୍ୟାବସାୟିକ ଏଲ.ପି.ଜି ଗ୍ରାହକମାନଙ୍କୁ ପାଇପ ଯୋଗେ ଇନ୍ଧନ ଗ୍ୟାସ ଦେବା ଲାଗି ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ବ୍ରସେଲ୍ସ ଗସ୍ତରେ ଥିବାବେଳେ ବିଭିନ୍ନ ୟୁରୋପୀୟ ସଂଘ ରାଷ୍ଟ୍ରଗୁଡିକର ବୈଦେଶିକ ମନ୍ତ୍ରୀମାନଙ୍କ ସହ ପଶ୍ଚିମ ଏସିଆ ପରିସ୍ଥିତି ପ୍ରତି ଗୁରୁତ୍ୱପ୍ରଦାନ କରି ବୈଶ୍ୱିକ ଆହ୍ୱାନ ଏବଂ ଶକ୍ତି ସୁରକ୍ଷା ଉପରେ ଏହାର ପ୍ରଭାବ  ସମ୍ପର୍କରେ ଆଲୋଚନା କରିଥିଲେ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅସୀମ ମହାଜନ କହିଛନ୍ତି, ଭାରତର ଏକ ଦଳ ତୈଳ ଟ୍ୟାଙ୍କର ସେଫସି ବିଷ୍ଣୁ ରେ ଥିବା ୧୫ଜଣ ଭାରତୀୟ ନାବିକଙ୍କୁ  ଶୀଘ୍ର ଫେରାଇ ଆଣିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ଜିତେନ୍ଦ୍ର-ଫ୍ୟୁଚର ସମିଟ୍

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଦୀର୍ଘମିଆଦି ପରିବେଶଗତ ସ୍ଥିରତା ଏବଂ ଦୀର୍ଘସ୍ଥାୟୀ ବିକାଶ ପାଇଁ ସୁଦୃଢ ସବୁଜ ଅର୍ଥନୀତି ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀଠାରେ

ଦଶମ ଦୀର୍ଘସ୍ଥାୟୀ ବ୍ୟାବସାୟିକ ଭବିଷ୍ୟତ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡକ୍ଟର ସିଂହ କହିଛନ୍ତି, ଦେଶର ପ୍ରଗତି ସବୁଜ ଭିତ୍ତିଭୂମି ଦିଗରେ ନିରନ୍ତର ରହିଛି ଏବଂ ଏହା ଶକ୍ତିଭିତ୍ତିକ ନବସୃଜନ ଦ୍ୱାରା ପରିଚାଳିତ ହୋଇଛି । ସାମ୍ପ୍ରତିକ ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଶକ୍ତି, ଦୀର୍ଘସ୍ଥାୟୀ ସହରାଞ୍ଚଳ ଯୋଜନା ଏବଂ ସ୍ମାର୍ଟ ସମ୍ବଳ ପରିଚାଳନା ଉପରେ ପର୍ଯ୍ୟବେଶିତ ଏବଂ ଏହା ଅଙ୍ଗାରକାମ୍ଳ ହ୍ରାସ କରିବା ସହ ଦେଶର ଭିତ୍ତିଭୂମିର ପ୍ରଗତି ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିପାରୁଛି ।

## ବ୍ୟାଡମିଣ୍ଟନ

ଫ୍ରାନ୍ସରେ ଆଜିଠାରୁ ଓର୍ଲିଆନ୍ସ ମାଷ୍ଟର୍ସ ସୁପର୍ **300** ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ମହିଳା ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଭାରତର ଆର୍କାସୀ କାଶ୍ୟପ ଏବଂ ଚୀନର ଓ୍ୱାଇ.ଲି ମଧ୍ୟରେ ଜାରି ରହିଛି । ସେହିପରି ଆସନ୍ତାକାଲି ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଭାରତର କିଦାମ୍ବୀ ଶ୍ରୀକାନ୍ତ ଏବଂ ଡେନମାର୍କ ମ୍ୟାଗନ୍‌ସ ଜୁହାନସେନଙ୍କ ମଧ୍ୟରେ ହେବ । ଭାରତର ଆୟୁଷ ସେଟ୍ଟୀ  ନିଜର ପ୍ରାରମ୍ଭିକ ମ୍ୟାଚରେ ଚାଇନିଜ୍ ତାଇପେୟୀର ଲି.ଚିଆ ହାଓଙ୍କୁ ଭେଟିବେ ।